**ଅନ୍କାଡେଲିରେ ଡଗ୍ ଶୋ**

ଅନ୍କାଡେଲି,(ଡି.ଏନ୍.ଏ.)-ମାଲକାନଗିରି ଅନ୍କାଡେଲିସ୍ଥିତ ବିଏସ୍ଏଫ୍-୬୫ ବାଟାଲିୟନ ପକ୍ଷରୁ ଏକ ଡଗ୍ ଶୋ କାର୍ଯ୍ୟକ୍ରମ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମାଣ୍ଡାଣ୍ଟ ଟିଏନ୍ଏସ୍ ରେଡ୍ଡି ଓ ସେକେଣ୍ଡ କମାଣ୍ଡାଣ୍ଟ ଜଗଦୀଶ ପ୍ରସାଦ ସେଓସୀ, ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର କେ. ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ଉପର ପ୍ରାଇମେରି ସ୍କୁଲ, ଡିଏଭି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡଗ୍ ଶୋରେ ଅଂଶଗ୍ରହଣ କରିଥିବା କୁକୁରମାନେ ଆଇଡି ଓ ବୋମାକୁ କିଭଳି ଲୁଚାଇ ରଖାଯାଇଥିଲେ ଘ୍ରାଣକରି ପୋଲିସକୁ ସତର୍କ ରହିବା ପାଇଁ ଜଣାଇଥାନ୍ତି ବୋଲି ବୁଝାଇଥିଲେ।

## ସଂକ୍ଷେପରେ

### ବିଷମକଟକ ବ୍ଲକରେ ନୂତନ ବିଡିଓ



ବିଷମକଟକ, ୨୧୯ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ନୂତନ ବିଡିଓ ସଦାଶିବ ନାୟକ ଯୋଗ ଦେଇଛନ୍ତି। ଅପରାହ୍ନରେ ସେ ବିଦାୟୀ ବିଡିଓ ଆଲବର୍ଟ ଲାକ୍ରାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ବିଡିଓ କାର୍ଯ୍ୟରେ ଯୋଗ ଦେବାପରେ କାର୍ଯ୍ୟାଳୟର ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ସୂଚନାଯୋଗ୍ୟ, ସଦାଶିବ ନାୟକ ଏଥିପୂର୍ବରୁ ନୂଆପଡ଼ା ଜିଲା ସିନାପାଲି ବିଡିଓ ରୂପେ କାର୍ଯ୍ୟ କରୁଥିଲେ। ସେହିପରି ବିଷମକଟକ ବିଡିଓ ଥିବା ଆଲବର୍ଟ ଲାକ୍ରାଙ୍କୁ ଅନୁଗୋଳ ଜିଲାର ଆଠମଲିକ ବିଡିଓ ଭାବେ ବଦଳି ହୋଇଛି। ନୂତନ ବିଡିଓ କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରି ବ୍ଲକର ଉନ୍ନତି ଦିଗରେ ସମସ୍ତଙ୍କ ସହଭାଗିତା କାମନା କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

କୋଡ଼ିଙ୍ଗା,୨୧୯(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗା-ଫାର୍ଶାଗୁଡା ରାସ୍ତାରେ ଏକ ଦୁର୍ଘଟଣାରେ ଡାକ ବିଭାଗର କର୍ମଚାରୀଭାବେ କାର୍ଯ୍ୟ କରୁଥିବା କୋଡିଙ୍ଗା ଥାନା ଅଧୀନ ଡୁମ୍ବରମୁଣ୍ଡା ଗ୍ରାମର ଜଗବନ୍ଧୁ ଜାନୀ (୫୬)ଙ୍କ ମୃତ୍ୟୁ ହୋଇଛି। ଜଗବନ୍ଧୁ ଅଫିସ କାମରେ କୋଡ଼ିଙ୍ଗା ଆସୁଥିବା ସମୟରେ କୋଡ଼ିଙ୍ଗା-ଫାର୍ଶାଗୁଡା ରାସ୍ତାରେ ଏକ ଅଟୋ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଜଗବନ୍ଧୁଙ୍କୁ ପ୍ରଥମେ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ଭାଇ କମଳସାଏ ଜାନୀ କୋଡ଼ିଙ୍ଗା ଥାନାରେ ଅଭିଯୋଗ କରିବା ପରେ ୧୩୧/୨୨ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ନେଇ କୋଡ଼ିଙ୍ଗା ଥାନା ଏସ୍ଆଇ ଫକୀର ମୋହନ ଖରା ସୂଚନା ଦେଇଛନ୍ତି।

### ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଓଲଟିଲା

ବୈପାରିଗୁଡା ୨୧୯(ଡି.ଏନ.ଏ.)- କୋରାପୁଟ ମେଡିକାଲ କଲେଜକୁ ଜଣେ ରୋଗୀଙ୍କୁ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ (ଓଡି ୦୨୮ଜେ୯୭୨୫) ବୈପାରିଗୁଡାରୁ ୧.୫ କିମି ଦୂର ତାଲଖାଇ ନିକଟରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା ଜଣାପଡିଛି। ଏଥିରେ ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟିଯାଇଛି। ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ସେଥିରେ ଆହତ ଡ୍ରାଇଭର ଓ ସମ୍ପୃକ୍ତ ରୋଗୀ ଜଣକ ଯାଇଥିବା ଜଣାପଡିଛି। ତେବେ ଆମ୍ବୁଲାନ୍ସଟି ଓଭରଟେ କରିବା ସମୟରେ ସାମନାପଟୁ ଆସୁଥିବା ଗାଡିକୁ ଦେଖି ଏପରି ଦୁର୍ଘଟଣା ହୋଇଥିବା କେତେ ଜଣ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

### ନୂଆ ଡାକଘର କାର୍ଯ୍ୟାଳୟ ଉଦ୍‌ଘାଟିତ

ଚିତ୍ରକୋଣ୍ଡା,୨୧୯(ଡି.ଏନ.ଏ)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଷ୍ଟ ଅଫିସ ଲାଇନରେ ଦୀର୍ଘ ଦିନ ହେଲା ଡାକ କାର୍ଯ୍ୟାଳୟ ଚାଲି ଆସୁଥିଲା। ବିଭିନ୍ନ ସମସ୍ୟା ହେତୁ ଚିତ୍ରକୋଣ୍ଡା ତହସିଲ ଛକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ନୂତନ ଭାବେ ନିର୍ମିତ ଡାକ କାର୍ଯ୍ୟାଳୟ ଶୁକ୍ରବାର ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିଭକ୍ତ କୋରାପୁଟ ଡିଭିଜନ ଡାକଘରର ସୁପରିଟେଣ୍ଡେଣ୍ଟ ମନୋଜ ପ୍ରଗାଡ଼, ସମ୍ମାନିତ ଅତିଥିଭାବେ ତହସିଲଦାର ଟି. ପଦ୍ମନାଭ ଦୋରା, ବିଡ଼ିଓ ରଘୁନାଥ ମୁଣ୍ଡାରୀ, ସମାଜିକ କର୍ମୀ ଦେବେନ୍ଦ୍ର ଦାସ ଏବଂ ଏମ. ଚିରାଞ୍ଜୀବୀ ନାୟକ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କୁ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ବୁଝାଇଲେ ବିଏସ୍ଏଫ୍ ଯବାନ

ମାଲକାନଗିରି,୨୧୯ (ଡି.ଏନ୍.ଏ./ସ୍ୱ.ପ୍ର.)



ବିଏସ୍ଏଫ୍ ପକ୍ଷରୁ ପ୍ରଦର୍ଶିତ ଅସ୍ତ୍ରଶସ୍ତ୍ରକୁ ଛାତ୍ରୀଛାତ୍ରମାନେ ବୁଲି ଦେଖୁଛନ୍ତି।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ବିଏସ୍ଏଫ୍-ଦ୍ୱିତୀୟ ବାଟାଲିୟନ ପକ୍ଷରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ କୌଶଳ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସ୍ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା, ମାଲକାନଗିରି ଏସ୍ପି ନୀତେଶ ୱାଧୱାନି , ବିଏସ୍ଏଫ୍ କମାଣ୍ଡଣ୍ଟ ଆଇ.ଏଚ୍. ଖାନ, ଡେପୁଟି କମାଣ୍ଡାଣ୍ଟ ଶୁଭନ ମହାପାତ୍ର, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଇକ୍ରାର ଅହମ୍ମଦ ଯୋଗଦେଇ ବିଏସ୍ଏଫ୍‌ର ପରମ୍ପରା, ସୀମାରେ ଦେଶକୁ ସୁରକ୍ଷା ପ୍ରଦାନରେ ଭୂମିକା, ଆତଙ୍କବାଦ ବିରୋଧରେ ଲଢ଼େଇ ଓ ଲୋକଙ୍କୁ ସହାୟତା ଆଦି କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଏସ୍ଏଫ୍‌ରେ ଯୋଗଦେବାକୁ ପ୍ରୋତ୍ସାହନ ଦେଇ ସେମାନଙ୍କୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବାକୁ ଡିଆଇଜି ସିହ୍ନା ପରାମର୍ଶ ଦେଇଥିଲେ। ଏହି ପ୍ରଦର୍ଶନୀରେ କ୍ଷୁଦ୍ର ଅସ୍ତ୍ରଶସ୍ତ୍ର, ହ୍ୟାଣ୍ଡ ଗ୍ରେନେଡ ସମେତ ଆସଲ୍ଟ ରାଇଫଲ, ୟୁବିଜିଏଲ୍, ମୋର୍ଟାର, ଏଲ୍ଏମ୍ଜି, ଏମ୍ଏମ୍ଜି, ଏଚ୍ଏଚ୍ଏମ୍ଡି, ଥର୍ମାଲ ଇମେଜିଂ ଡିଭାଇସ୍ ଏବଂ ନାଇଟ ଭିଜନ ଆଦି ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବିଏସ୍ଏଫ୍ ଅଧିକାରୀମାନେ ବୁଝାଇଥିଲେ। ଏହି ଅବସରରେ କିଛି ତାଲିମପ୍ରାପ୍ତ କୁକୁର କିପରି ଯବାନମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସହାୟତା କରୁଛନ୍ତି ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା। ତାଲିମପ୍ରାପ୍ତ କୁକୁରମାନେ ଲୁଚା ହୋଇଥିବା ବୋମାକୁ ଖୋଜିବା, ଜଣେ ବ୍ୟକ୍ତିର ବ୍ୟବହାର ସାମଗ୍ରୀ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୋଜିବା ଭଳି କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧକ୍ଷ, ବରିଷ୍ଠ ପୋଲିସ ଅଧିକାରୀ ଓ ବିଏସ୍ଏଫ୍ ଅଧିକାରୀ ଏବଂ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଜିଲା ପୋଲିସ, ବିଏସ୍ଏଫ୍ ପକ୍ଷରୁ ମିନି ମାରାଥନ୍



ମିନି ମାରାଥନ୍‌କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ମାଲକାନଗିରି/ଚିତ୍ରକୋଣ୍ଡା, ୨୧୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯୋଡାମ୍ବ ସଦର ଥାନା ପରିସରରେ ଜିଲା ପୋଲିସ ଓ ବିଏସ୍ଏଫ୍ ପକ୍ଷରୁ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରନ୍ ଅପ୍ ଟୁ ଟିଚର୍ସ ଡେ ରୂପେ ପାଳିତ ଏହି କାର୍ଯ୍ୟକ୍ରମରେ ବିଶେଷକରି ଆଗାମୀ ଗୁରୁଦିବସ ଅବସରରେ ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ଗୁରୁତ୍ୱ, ଛାତ୍ରମାନେ କିପରି ଶିକ୍ଷକମାନଙ୍କୁ ସମ୍ମାନ ଦେବେ ସେନେଇ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରଥମେ ଯୋଡାମ୍ବ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମିନି ମାରାଥନ ହୋଇଥିଲା। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ନବମ ବାଟାଲିୟନ ବିଏସ୍ଏଫ୍ ଅଧିକାରୀ ସଞ୍ଜୟ ଦାସ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଯୋଡାମ୍ବ ସରପଞ୍ଚ ପିଙ୍କି ହନ୍ତାଲ, ଦାର୍ଲାବେଡା ବିଏସ୍ଏଫ୍ କ୍ୟାମ୍ପ କମାଣ୍ଡର ଦେବେନ୍ଦ୍ର ସିଂ, ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲି, ଅନିଲ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମହିଳା ସାମାଜିକ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଜୟପୁର, ୨୧୯ (ନି.ପ୍ର.)

**ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ମେଡିକାଲରେ ନଚାଇବା ଘଟଣା**

ପଦ୍ମଶ୍ରୀ କମଳା ପୁଜାରୀଙ୍କୁ ମେଡିକାଲରେ ନଚାଇବା ଘଟଣାରେ ଅବିଭକ୍ତ କୋରାପୁଟ ଜିଲା ଭୁମିଆ ସମାଜ ପକ୍ଷରୁ ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କୋରାପୁଟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମଳା କଟକ ଏସସିବି ମେଡିକାଲ କଲେଜରେ ଆଇସିୟୁରେ ଚିକିତ୍ସାଧୀନ ଥିବା ସମୟରେ ଜଣେ ମହିଳା ଜବରଦସ୍ତ ବିନା ଅନୁମତିରେ ଆଇସିୟୁରେ ଅବାଧ ପ୍ରବେଶ କରି ତାଙ୍କ ସେବା କରିବା ଆଳରେ ଜବରଦସ୍ତ ତାଙ୍କ ସହିତ ନାଚ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ମୋବାଇଲରେ ଏହାର ଭିଡିଓ କରି ସୋସିଆଲ ମିଡିଆରେ ବାରମ୍ବାର ଭାଇରାଲ କରିଥିଲେ। ସମ୍ପୃକ୍ତା ମହିଳାଙ୍କ ଏପରି କାର୍ଯ୍ୟ ଯୋଗୁ କୋରାପୁଟ ଜିଲାର ଆଦିବାସୀଙ୍କ ପ୍ରତି ତୀବ୍ର ଅପମାନ ହୋଇଛି। ଏହି ଅପରିଚିତ ମହିଳାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଭୁମିଆ ସମାଜ ଦାବି କରିଛି। ଏସସିବି ମେଡିକାଲ କଲେଜ କର୍ତ୍ତୃପକ୍ଷ ପଦ୍ମଶ୍ରୀ କମଳାଙ୍କ ଚିକିତ୍ସା ସମୟରେ ସୁରକ୍ଷା ବ୍ୟବସ୍ଥାରେ କରିଥିବା ଅବହେଳାକୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଗଠନ ପକ୍ଷରୁ ଦାବିପତ୍ରରେ କୁହାଯାଇଛି। ନଚେତ୍ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲାର ସ୍ୱାର୍ଥ ପାଇଁ ଅନ୍ଦୋଳନ ହେବ ବୋଲି ରାମଚନ୍ଦ୍ର ଭୁମିଆ, ଟଙ୍କଧର ଭୁମିଆ, ହରିଶ ମୁଦୁଲି, ପରମାନନ୍ଦ ପୂଜାରୀ, ଲଳିତ ପୂଜାରୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## କୋର୍ଟ ପରିସରରେ ଅଭିଯୁକ୍ତଙ୍କ ମୃତ୍ୟୁ

ଜୟପୁର, ୨୧୯ ( ନି.ପ୍ର.)

ଜୟପୁରସ୍ଥିତ ଜିଲା କୋର୍ଟ ପରିସରରେ ଜଣେ ଅଭିଯୁକ୍ତଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେହେଲେ ଲମତାପୁଟ ନିକଟସ୍ଥ ମୁକିମପୁଟ ଗ୍ରାମର ସଦନ ପାଙ୍ଗୀ । ସଦନ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଅଭିଯୁକ୍ତ ଥିଲେ। ତାଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଥିଲା । ସେହି ଅନୁସାରେ ସେ ଜିଲା କୋର୍ଟରେ ହାଜର ହୋଇ ଥିଲେ। ଚା' ପିଇବା ପାଇଁ କୋର୍ଟ ପରିସରେ ଥିବା ଚା ଦୋକାନକୁ ଯାଉଥିବା ସୟମରେ ତଳେ ପଡି ଯାଇଥିଲେ । ଏହା ଦେଖି ଓକିଲ ସଂଘ ସଭାପତି ସରୋଜ ଦାସ, ଗିରିଧର ଖରା ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସି ନ ଥିଲା ନିଜ ବ୍ୟବସ୍ଥା କରି ଆସିବାକୁ ୧୦୮ ଆମ୍ବୁଲାନ୍ସ ପକ୍ଷରୁ କୁହାଯାଇଥିଲା। ପରେ ପୌର ପରିଷଦର ଆମ୍ବୁଲାନ୍ସକୁ ଖବର ଦେବାରୁ ଆସିଥିଲା। ସଦନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନଥାନା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଜଣା ରୋଗରେ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ମାଲକାନଗିରି,୨୧୯ ସ୍ୱ.ପ୍ର.)

ମାଲକାନଗିରି ଜିଲା ପଡିଆ ବ୍ଲକ କୋଲାଗଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଜଣା ରୋଗ ରେ ଆକ୍ରନ୍ତ ହୋଇ ୨ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅନେକ ଛାତ୍ରୀଛାତ୍ର ଗୁରୁତର ଅବସ୍ଥାରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ମାଲକାନଗିରି ଜିଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଚିକିତ୍ସାଳୟରେ ଭେଟିଥିଲେ। ଆକ୍ରାନ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ମାଡକାମୀ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା ଓ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କ ଆଲୋଚନା କରିଥିଲେ। ସେମାନଙ୍କୁ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବନବାସୀ ଗବେଷକ ରତ୍ନାକର ଦାଶ, କେ.ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାବେଡ଼ାରୁ ସାମିଲ ହୋଇଥିଲେ ୩

**ସୁକୋକାଇ କରାଟେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର**

ସୁନାବେଡ଼ା,୨୧୯(ସ୍ୱ.ପ୍ର.)



ସର୍ବଭାରତୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ସୁନାବେଡ଼ାର ୩ ପ୍ରତିଯୋଗୀ।

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ସୁକୋକାଇ ଶୈଳୀ କରାଟେର ୨ଦିନିଆ ସର୍ବଭାରତୀୟ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ୪୫ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥିରେ କରାଟେ କ୍ରୀଡ଼ାର କାଟା ଓ କୁମିତେକୁ ଶକ୍ତଶାଳୀ କରିବା ପାଇଁ ରହିଥିବା ଜ୍ଞାନକୌଶଳଗୁଡିକୁ ଅଧିକ ଉତ୍କୃଷ୍ଟ କରିବା ସହ ସେଗୁଡିକୁ କିପରି କାଟା ଓ କୁମିତେରେ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ କରାଟେ ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ବେଳେ କିପରି ବିଜ୍ଞାନ ସମ୍ମତ ଉପାୟରେ ଶିକ୍ଷାର୍ଥୀଙ୍କ ଶାରୀରିକ ଓ ମାନସିକ ବିକାଶ କରାଯିବ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ମୁଖ୍ୟ ପ୍ରଶିକ୍ଷକ ତଥା ଜାତୀୟ କୋଚ ସିହାନ ମହେଶ ଚନ୍ଦ୍ର ବରାଳଙ୍କ ସହ ତପନ ବେହେରା ଓ ପ୍ରଦୀପ ମଲ୍ଲିକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

## ଜୀବନବୀମା ଏଜେଣ୍ଟ ଆସୋସିଏଶନ କର୍ମକର୍ତ୍ତାଙ୍କ ଧାରଣା

କୋରାପୁଟ,୨୧୯(ସ୍ୱ.ପ୍ର.)

ଜୀବନମୀମା କାର୍ଯ୍ୟାଳୟ ପରିସରରେ ଜୀବନ ବୀମା ଏଜେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ କୋରାପୁଟ ଶାଖା ୟୁନିଟ କର୍ମକର୍ତ୍ତାମାନେ ଶୁକ୍ରବାର ୨୭ ଦଫା ଦାବି ନେଇ ଧାରଣା ଦେଇଛନ୍ତି। ପଲିସଧାରୀଙ୍କ ବୋନସ ପ୍ରତିଶତ ବଢେଇବା, ଏଜେଣ୍ଟମାନଙ୍କର ଗ୍ରାଚ୍ୟୁଇଟି ବଢେଇବା ସହ ଅନ୍ୟାନ୍ୟ ଦାବି ପୂରଣ କରିବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅନିର୍ଦ୍ଦିଷ୍ଟ କାଳ ଯାଏ ଚାଲିବ ବୋଲି ଆସୋସିଏଶନ ସଭାପତି ଏଲଏସ ପାତ୍ର କହିଛନ୍ତି। ଧାରଣାରେ ସଭାପତି ପାତ୍ରଙ୍କ ସହିତ ସମ୍ପାଦକ ପ୍ରଦୀପ ମହାନ୍ତି, ସିମାଞ୍ଚଳ ପାଢୀ, ସରୋଜ ପାତ୍ର, ସୁଶାନ୍ତ ସାହୁ, ଦୁର୍ଗା ପାତ୍ର, ମନୋଜ ଚୌଧୁରୀ , ମହେନ୍ଦ୍ର ସୂତାର, ବିକେ ଦାସ, ବିସି ମହାପାତ୍ର, ଡି କେ ମହାପାତ୍ର, ନିରଞ୍ଜନ ବସ୍ତିଆ ପ୍ରମୁଖ ସାମିଲ ହୋଇଛନ୍ତି।

## ଟସର ତାଲିମ ଶିବିର ଉଦ୍‌ଘାଟନ କଲେ ଜିଲାପାଳ

କାଲିମେଳା, ୨୧୯ (ଡି.ଏନ.ଏ. )

ମାଲାକାନଗିରି ଜିଲାପାଳ ବିଶାଲ ସିଂ ଶୁକ୍ରବାର କାଲିମେଳା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ବିଡିଓ ଉମା ଶଙ୍କର ଦଳାଇଙ୍କ ଶହ ଆଲୋଚନା ପରେ ଏମ୍ଭି-୯୦ ଗ୍ରାମରେ ଆରମ୍ଭ ହୋଇଥିବା ଟସର ତିଆରି ଦକ୍ଷତା ତାଲିମ ଶିବିର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏଠାରେ ମେଶିନ ଦ୍ୱାରା ଟସର ସୁତା ତିଆରି ପ୍ରଣାଳୀ ଉପରେ ତାଲିମ ପ୍ରଦାନ କରାଯାଉଛି। ଏଥିପାଇଁ ୩୦ଟି ମେଶିନ ଲାଗିଛି । ଛତିଶଗଡ଼ ବିଳାସପୁର ଅଞ୍ଚଳର ଅସ୍ମି ମହିଳା ସମିତି ପକ୍ଷରୁ ଏହି ତାଲିମ ପ୍ରଦାନ କରାଯାଉଛି। ଏହି ସମୟରେ ସମିତିର ସଦସ୍ୟଙ୍କ ସହ ବିଡିଓ, କାଲିମେଳା ସରପଞ୍ଚ ପୃଥୀରାଜ ମାଝୀ, ଓଡିଶା ଜିବିକା ମିସନର ରତନ ଗୋଲଦର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ସିଂ ବିବାଦ ଘେରରେ ରହିଥିବା କାଲିମେଳା ମିନି ଷ୍ଟାଡିୟମ ପରିଦର୍ଶନ କରି ଏହାର ସ୍ଥିତି ସମୀକ୍ଷା କରିଥିଲେ । କେଉଁ ଜମି ବ୍ୟକ୍ତିଗତ ଓ ଏଠାରେ ଥିବା ସରକାରୀ ଜମିର ସ୍ଥିତି ସମ୍ପର୍କରେ ତହସିଲଦାର ଦୁର୍ଗା ପ୍ରସାଦ ଦୋରା ଙ୍କୁ ପଚାରି ବୁଝିଥିଲେ।

## ବିଦ୍ୟାଳୟରେ ତାଲା ଠୁଙ୍କିଲେ ଗ୍ରାମବାସୀ, ସ୍କୁଲ କମିଟି ସଦସ୍ୟ

ପାପଡ଼ାହାଣ୍ଡି,୨୧୯(ଡି.ଏନ୍.ଏ.)



- ପାତ୍ରୀ ଆଶ୍ରମ ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଦଳିର ପ୍ରତିବାଦ
- ବିଦ୍ୟାଳୟ ଛାଡ଼ିଲେ ଛାତ୍ରୀଛାତ୍ର

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତ ଖର୍କି ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫ୍ରାନ୍ସିସ୍ ନାଗଙ୍କ ବଦଳି ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀ ଓ ସ୍କୁଲ କମିଟି ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଯେପର୍ଯ୍ୟନ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ଫ୍ରାନ୍ସିସ୍‌ଙ୍କ ବଦଳି ପ୍ରତ୍ୟାହାର କରା ନ ଯାଇଛି ପିଲାଙ୍କୁ ପାଠ ପଢ଼ିବାକୁ ଛାଡ଼ିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସନ୍ଧ୍ୟାରେ ଏକ ପ୍ରତିନିଧି ଦଳ ଜିଲା ମଙ୍ଗଳ ଅଧିକାରୀଙ୍କୁ ଭେଟିଛନ୍ତି। ନୂତନ ପ୍ରଧାନ ଶିକ୍ଷକ କମଲ ସିଂ ନାୟକଙ୍କୁ ମଧ୍ୟ କାର୍ଯ୍ୟରେ ଯୋଗଦେବାକୁ ଦେଇନାହାନ୍ତି। ବିଦ୍ୟାଳୟର ପ୍ରାୟ ପିଲା ଘରକୁ ଚାଲିଯାଇଛନ୍ତି। ସ୍କୁଲ କମିଟି ସଭାପତି ଡିସେମ୍ବର ମାଝିଙ୍କ ସହ ଗ୍ରାମବାସୀ ମଙ୍ଗଳ ଅଧିକାରୀଙ୍କୁ ଭେଟି ଶୀଘ୍ର ଫ୍ରାନ୍ସିସ୍‌ଙ୍କୁ ଫେରଇବା ଲାଗି ନିବେଦନ କରିଛନ୍ତି।

ସୂଚନାନୁଯାୟୀ, ବିଦ୍ୟାଳୟରେ ୪୫୪ଜଣରୁ ହଷ୍ଟେଲରେ ୩୨୭ ଜଣ ଛାତ୍ରୀଛାତ୍ର ରୁହନ୍ତି। ଗତ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ଆସୁଥିଲେ ଫ୍ରାନ୍ସିସ୍। ଇତିମଧ୍ୟରେ ତାଙ୍କର ଉମରକୋଟ ବ୍ଲକ ବାଟିବେଢା ଆଶ୍ରମ ବିଦ୍ୟାଳୟକୁ ତାଙ୍କର ବଦଳି ହୋଇଯାଇଛି। ଏହାକୁ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅଭିଭାବକ ଗ୍ରହଣ କରିପାରି ନ ଥିଲେ। ଗୁରୁବାର ଏହାର ପ୍ରତିବାଦକରି ବହୁ ସମୟ ସ୍କୁଲ ଗେଟ୍ ଆଗରେ ଧାରଣା ଦେବା ସହ ପିଲାମାନେ ଜୋରରେ କନ୍ଦାକଟା ମଧ କରିଥିଲେ। ଫ୍ରାନ୍ସିସ୍‌ଙ୍କ ସମୟରେ ବିଦ୍ୟାଳୟର ବହୁ ଉନ୍ନତୀକରଣ କାର୍ଯ୍ୟ ସହ ଛାତ୍ରୀଛାତ୍ରମାନେ ହଷ୍ଟେଲ ସୁବିଧା ଭଲ ଭାବରେ ପାଉଥିଲେ। ପାଠପଢ଼ା ମଧ ଭଲ ହେଉଥିଲା। ସେ ଛାତ୍ରୀଛାତ୍ରଙ୍କୁ ନିଜ ପିଲା ପରି ସ୍ନେହ କରିବା ସହ ସେମାନଙ୍କ ସମସ୍ତ ସୁବିଧା ଅସୁବିଧା କଥା ବୁଝୁଥିଲେ ବୋଲି ଅଭିଭାବକମାନେ କହିଛନ୍ତି। ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଛାତ୍ରୀଛାତ୍ର ବଦଳି ପ୍ରତ୍ୟାହାର ଲାଗି ଦାବି କରିଛନ୍ତି।

## ଜନକଲ୍ୟାଣକାରୀ ଯୋଜନା ଠିକ ରୂପେ କାର୍ଯ୍ୟକାରୀ କରିବାକୁ ଦାବି





ପିଇଓ ଦାବିପତ୍ର ଗ୍ରହଣ କରୁଛନ୍ତି ।

ଜୟପୁର, ୨୧୯ ( ନି.ପ୍ର.)

ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସଠିକ କାର୍ଯ୍ୟକାରିତା ନେଇ ଦାବି ହୋଇଛି । ଏନେଇ ଜୟପୁର ବ୍ଲକ ପୂଜାରିପୁଟ ପଞ୍ଚାୟତର ଗ୍ରାମବାସୀ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପ୍ରଶାନ୍ତ ମିଶ୍ରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଜନସାଧାରଣଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକାରୀ ଯୋଜନା କରିଛନ୍ତି । ମାତ୍ର ପୂଜାରିପିଟ ଗ୍ରାମରେ ଅନେକ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ । ଫଳରେ ସରକାରଙ୍କୁ ଟିକସ ଦେଉଥିବା ଜଣେ ଗରିବ ନାଗରିକ ତାର ପ୍ରକୃତ ସାମ୍ବାଧାନିକ ଅଧିକାର ଏବଂ ସୁବିଧାରୁ ବଞ୍ଚିତ ହେଉଛି । ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଥିବା ହିତାଧିକାରୀଙ୍କ ନାମ ସାର୍ବଜନୀନ କରିବା, ଷ୍ଟ୍ରିଟ ଲାଇଟ, ପାନୀୟ ଜଳ ସମସ୍ୟାର ସମାଧାନ କରିବା ଲାଗି ଉଲ୍ଲେଖ ରହିଛି। ଏହି ସମୟରେ ତାରିଣୀ ଚରଣ ପାଢୀ, ଖ୍ରୀଷ୍ଟପ୍ରେମ ବାଘ, ରାଧାକୃଷ୍ଣ ଗଣ୍ଡ, ମଙ୍ଗଳଦାନ ବାଘ, ଈଶ୍ୱର ଦାନ ବାଘ, ହରିଶ୍ଚନ୍ଦ୍ର ଗଣ୍ଡ, ଦିବାକର ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ଡେଙ୍ଗୁରୁ ଦୂରେଇ ରହିବା ଉପାୟ ଉପରେ ଆଲୋଚନା

ତେନ୍ତୁଳିଖୁଣ୍ଟି, ୨୧୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଣ୍ଟି ଡେଙ୍ଗୁ ମାସ ପାଳନ ପାଇଁ ଏକ ସଚେତନତା କାର୍ମଶାଳା



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଆୟୋଜନ କରାଯାଇଛି। ଚିକିତ୍ସାଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ସଫା କରିବା ସହ ଆବର୍ଜନା ନଷ୍ଟ କରିବାକୁ ସଚେତନ କରାଯାଇଛି। ଏଥିସହ ଶୋଇବାବେଳେ ମଶାରୀ ବ୍ୟବହାର କରିବା ଉଚିତ୍ ବୋଲି କାର୍ଯ୍ୟକ୍ରମରେ ଆଲଚେନା କରାଯାଇଛି। ଡେଙ୍ଗୁଠାରୁ ଦୂରେଇ ରହିବା ଉପାୟ ବିଷୟରେ ଶିକ୍ଷକ, ଅଙ୍ଗନୱାଡି,ଆଶା କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ସ୍ୱାସ୍ଥ୍ୟକର୍ମୀ ନିଜ ଅଞ୍ଚଳରେ ସଚେତନ କରିଲେ ଡେଙ୍ଗୁ ରହିତ ମାସ ସଫଳ ହୋଇ ପାରିବ ବୋଲି ବକ୍ତାମାନେ ମତ ରଖିଥିଲେ। ଡେଙ୍ଗୁରୁ ଜନତାଙ୍କୁ ବଞ୍ଚାଇବା ସେମାନଙ୍କ ଦାୟିତ୍ୱ ବୋଲି ଉପସ୍ଥିତ ସରପଞ୍ଚ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବିପିଏମ୍ ରଞ୍ଜନ ମିଶ୍ର, ଭିବିଡିଟି ଏସ୍. ତୃଷାମୟୀ ବେହେରା, ପିଏଚ୍ଇଓ ରଞ୍ଜିତା ସାମଲ, ସିଡିପିଓ ସୁରମା ମହାପାତ୍ର, ଜିଲା ପରିଷଦ ସଭ୍ୟାକୃଷ୍ଣା ମଞ୍ଜରୀ ବିଷୋୟୀ, ବ୍ଲକ ଅଧକ୍ଷା ନୀଳେନ୍ଦ୍ରି ନାୟକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସ, ଏବିଇଓ ମୋହନ ମଧୁସୂଦନ ବାଘ ଉପସ୍ଥିତ ଥିଲେ।

## ନୂଆଁଖାଇ ସମଗ୍ର ଓଡ଼ିଶାବାସୀଙ୍କ ପର୍ବ

ରାୟଗଡ଼ା ଅଫିସ,୨୧୯





ନୂଆଁଖାଇ କାର୍ଯ୍ୟକ୍ରମରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡ଼ା ଜିଲାସ୍ତରୀୟ ନୂଆଁଖାଇ ପର୍ବ ଜିଲା ସଂସ୍କୃତି ଭବନରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସ୍ୱଧାଦେବ ସିଂ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ରାୟଗଡ଼ା ପୌରାଧକ୍ଷ ପି. ମହେଶ ପଟ୍ଟନାୟକ, ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରି, ମୁଖ୍ୟବକ୍ତା ରୂପେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଏକ ଭାଇଚାରାର ପର୍ବ। ଚାଷୀ ନିଜ ପ୍ରଥମ ଅମଳକୁ ନବାନ୍ନ ଭାବେ ଇଷ୍ଟଦେବୀଙ୍କୁ ଅର୍ପଣକରି ଏହାକୁ ଗ୍ରହଣ କରିଥାନ୍ତି। ପୂର୍ବରୁ ଏହା କେବଳ ପଶ୍ଚିମ ଓଡ଼ିଶାରେ ଧୁମଧାମରେ ପାଳନ ହେଉଥିଲେ ମଧ ଏବେ ସମଗ୍ର ରାଜ୍ୟରେ ଏହି ପର୍ବ ପାଳନ କରାଯାଉଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ସ୍ୱର ସାଗର

**ରାୟଗଡ଼ାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

ଓ ନୃତ୍ୟ, ମାଁ କାର୍ଲାଶୁଣୀ ଢେମସା ନୃତ୍ୟ, ଢେମସା ଓ ସମ୍ବଲପୁରୀ ନୃତ୍ୟ, କାଶୀପୁର ଢେମସା ନୃତ୍ୟଦଳ, କଲ୍ୟାଣସିଂପୁର ଲୋକନୃତ୍ୟ ଦଳର କଳାକାରମାନେ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷଣକରି ଦର୍ଶକଙ୍କ ମନ ଜିଣିଥିଲେ। ଜିଲା ସଂସ୍କୃତି ଅଧିକାରୀ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବାବେଳେ ଡିଆଇପିଆର୍‌ଓ ଧନ୍ୟବାଦ ଦେଇଥିଲେ। ଜିଲା ସଂସ୍କୃତି କାର୍ଯ୍ୟାଳୟର ପ୍ରଦୀପ ମାଲବିଷୋୟୀ, କାହ୍ନୁଚରଣ ପ୍ରଧାନ, ଅଜିତ ପଣ୍ଡା, ଗ୍ରନ୍ଥାଗାରିକ ମାରିଆ କିରୋଙ୍କ ସମେତ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟର କର୍ମଚରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିଶୁ ସୁରକ୍ଷା ଆଇନ, ବାଲ୍ୟ ବିବାହ ବନ୍ଦ ନେଇ ତାଲିମ ଶିବିର

କାଲିମେଳା , ୨।୯(ଡି.ଏନ.ଏ.)- ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ରକ୍ଷା କରିବା, ସେମାନଙ୍କୁ ବାଲ୍ୟ ବିବାହରୁ ମୁକ୍ତ କରିବା ଏବଂ ଶିଶୁଙ୍କ ସୁରକ୍ଷା ନେଇ ଶୁକ୍ରବାର ମାଲାକାନଗିରି ଜିଲା କାଲିମେଳା ବ୍ଲକ ସଭା ଗୃହରେ ଶିଶୁ ସୁରକ୍ଷା ଆଇନ ଓ ବାଲ୍ୟ ବିବାହ ବନ୍ଦ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପୋକ୍ସୋ ଆଇନ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା । ବିଡିଓ ଉମା ଶଙ୍କର ଦଲାଇଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମାନଙ୍କ ସୁରକ୍ଷା ପାଇଁ କଣ ନିୟମ ସବୁ କାର୍ଯ୍ୟକରୀ ହେଉଛି ସେ ନେଇ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ି, ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା, ଜିଲା ପରିଷଦ ସଭ୍ୟା ମମତା ପଡିଆମି, ସୁଲତା ମଣ୍ଡଳ,ଡାକ୍ତର ଅବିଦ ହୁସେନ ଖାନଙ୍କ ସମେତ କାଲିମେଳା, ଏମଭି-୭୯ ଥାନା ଅଧିକାରୀ, ଶିକ୍ଷା ଅଧିକାରୀ, ସରପଞ୍ଚଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

### ରାସ୍ତା କଡ଼ରୁ ଶୁଖିଲା ଗଛ ହଟାଇବାକୁ ଦାବି

ସୁନାବେଡା,୨।୯(ସ୍ୱ.ପ୍ର.)- ୨୬ ନଂ ଜାତୀୟ ରାଜପଥ କଡରେ ଥିବା ମୋହନପଡାଠାରୁ ଲାଣ୍ଡିଗୁଡା ପ୍ରାୟ ୧୨ କିମି ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛମାନ ରହିଛି। ଏଥିମଧରୁ ଅନେକ ଗଛ ମରି ଶୁଖିଯାଇଛି । ଫଳରେ ବିଭିନ୍ନ ସମୟରେ ଶୁଖିଲା ଗଛର ଡାଳ ଭାଙ୍ଗି ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ଶୁକ୍ରବାର କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଶୁଖିଲା ଗଛ ହଟାଇବାକୁ ଜାତୀୟ ରାଜପଥ ବିଭଗର ନିର୍ବାହୀ ଯନ୍ତ୍ରୀ ସୌମାର୍ଜିନୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ସମୟରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ଜଗଦିଶ ଖୋସଲା, ଶ୍ୟାମ ହନ୍ତାଳ, ନିରଞ୍ଜନ ଖିଲ, ଗୁରୁଦେବ ମାଝୀ, ପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ଶୁଭମ ବେହେରା, ଉତ୍ତମ ବାଘ, ଶିବ ସୁନା, ସୁଲେଖା ମାଝୀ, କୃଷ୍ଣ ମାଝୀ, ରାଜ ଖୋସଲା, ରମେଶ ନାୟକ, ଜିନୁ ମାଝୀ, ଜଗବନ୍ଧୁ ମାଝୀ, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ନିଯୁକ୍ତି ପାଇଲେ ଆଇଟିଆଇର ୧୦୩ ଛାତ୍ରୀ

ବ୍ରହ୍ମପୁର ଅଫିସ,୨।୯-ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ)ର ୧୦୩ ଜଣ ଛାତ୍ରୀ ଦେଶର ବଡ଼ ବଡ଼ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଇଟିଆଇ ପକ୍ଷରୁ ଶୁକ୍ରବାର ଏମାନଙ୍କ ଲାଗି ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଏମ୍ପ୍ଲଇମେଣ୍ଟ୍ କାର୍ଯ୍ୟାଳୟର ରିଜିଓନାଲ ଆସିଷ୍ଟାଣ୍ଟ୍ ଡାଇରେକ୍ଟର ଆର.ଏମ.କିଲାନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଦିଗଦର୍ଶନ ଦେଇଥିଲେ। ରାଜ୍ୟ ସରକାର ଛାତ୍ରୀମାନେ ସ୍ୱାବଲମ୍ବୀ ହେବା ନେଇ ସର୍ବଦା ଚେଷ୍ଟିତ। ବ୍ରହ୍ମପୁର ଆଇଟିଆଇ ତାହାକୁ ପୂରଣ କରିବାରେ ସକ୍ଷମ ହୋଇଛି ବୋଲି ଆଇଟିଆଇ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କହିଥିଲେ। ପାଠ ପଢା ଶେଷ ହେବା ପୂର୍ବରୁ ଛାତ୍ରୀମାନେ ନିଯୁକ୍ତି ସୁଯୋଗ ପାଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି। ହାଇଦ୍ରାବାଦ, ଚେନ୍ନାଇ ଓ ବାଙ୍ଗାଲୋରରେ ଥିବା ବିଭିନ୍ନ କମ୍ପାନୀରେ ଆଇଟିଆଇର ଏହି ଛାତ୍ରୀମାନେ ଚାକିରି କରିବେ।

# ଉଦ୍‌ଘାଟନର ୫ମାସରେ ହିଁ ଦେଖାଗଲାଣି ସମସ୍ୟା, ଜଳ ଯୋଗାଣ ଠପ୍

- କଚରାପାରା ୩ ପଞ୍ଚାୟତରେ ଜଳ ସଙ୍କଟ
- କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

ରାଇଘର,୨।୯(ଡି.ଏନ୍.ଏ.)

ଲୋକଙ୍କ ଘରେ ପାଇପ ଯୋଗେ ପାଣି ଯୋଗାଇବା ଲକ୍ଷ୍ୟ ନେଇ ବସୁଧା ଯୋଜନାରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ସୀମାନ୍ତ କଚରାପାରା ୩ ପଞ୍ଚାୟତ ସଦରରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପରୁ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳର ଆଶା ରଖିଥିଲେ। କିନ୍ତୁ ଏହାର ନିର୍ମାଣକୁ ୫ମାସ ବିତିଯାଇଥିଲେ ସୁଦ୍ଧା କୋଟିଏ ଟଙ୍କାର ଏହି ପ୍ରକଳ୍ପ ଲୋକଙ୍କ କାମରେ ଲାଗୁନାହିଁ। ପ୍ରକଳ୍ପ ନିର୍ମାଣ ପରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଯୋଗେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ପାଇପ ଫାଟିଯିବା ସହ ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁନାହିଁ। ପ୍ରକଳ୍ପ କାମ ନିମ୍ନମାନର ଯୋଗୁ ଜଳ ଯୋଗାଣରେ ସମସ୍ୟା ଦେଖା ଦେଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ପରେ ଷ୍ଟାଣ୍ଡପୋଷ୍ଟରେ ଜଳ ଯୋଗାଣ ଆରମ୍ଭ ହୋଇଥିଲା। କିନ୍ତୁ ସପ୍ତାହକୁ ଦୁଇରୁ ତିନିଦିନ ଜଳ ଯୋଗାଣ ବନ୍ଦ ରୁହେ। ବର୍ତ୍ତମାନ କିନ୍ତୁ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ହେବ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ଫଳରେ ଜଳ ସମସ୍ୟା ଉତ୍କଟ ହୋଇପଡିଛି। ପାଣି ପାଇଁ ଲୋକଙ୍କୁ ପ୍ରାୟ ଅଧ କି.ମି. ଯିବାକୁ ପଡୁଛି। ଏତେ ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି ହୋଇଥିଲେ ସୁଦ୍ଧା ତାହାର ସୁଫଳ ମିଳୁନାହିଁ ବୋଲି ଗ୍ରାମର ଦୁଆ ରାମ ଗଣ୍ଡ, ସନ୍ତୁ ରାମ ଗଣ୍ଡ, ଛେଦି ଲାଲ ଗଣ୍ଡ, ପୁନ ରାମ ଗଣ୍ଡ, ସୁଦୂ ଗଣ୍ଡ, ମହନ ଲାଲ୍ ଗଣ୍ଡ, ପରଶୁ ଗଣ୍ଡ, ପ୍ରଭୁଲାଲ୍ ଗଣ୍ଡ, ସାଗାରାମ ଗଣ୍ଡ ପ୍ରମୁଖ ଅଭିଯୋଗ କରିଛନ୍ତି। କଚରାପାରା ୩ ପଞ୍ଚାୟତ ରାଇଘର ବ୍ଲକ ସଦରରୁ ୩୦ କିଲୋମିଟର ଦୂର ସହ ଛତିଶଗଡ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ରାଜ୍ୟ ସରକାର ବସୁଧା ଯୋଜନାରେ ଏତେ ବଡ ପ୍ରକଳ୍ପ କଲେ। କିନ୍ତୁ ଆରମ୍ଭରୁ ଏହା ଅଚଳ। ତେଣୁ କାହା ସ୍ୱାର୍ଥରେ ଏଭଳି ପ୍ରକଳ୍ପ କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସମସ୍ୟା ନେଇ ବାରମ୍ବାର ଲୋକ ପ୍ରତିନିଧି ଓ ପ୍ରଶାସନକୁ ଜଣାଇଲେ ମଧ୍ୟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ରାଇଘର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପ ଓ ପାଣି ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ତାହାର ସୁଫଳ ମିଳୁନାହିଁ। ଗ୍ରାମବାସୀ ନଦୀ ନାଳରୁ ଦୂଷିତ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ଦୂଷିତ ଜଳ ପିଇ ବିଭିନ୍ନ ସମୟରେ ଅନେକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ସମସ୍ୟା ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିବା ଗ୍ରାମବାସୀ କହିଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ ଚଳାଇବା ନିମନ୍ତେ କାହାକୁ ଦାୟିତ୍ୱ ଦିଆଯାଇ ନ ଥିବାରୁ ସମସ୍ୟା ଦେଖା ଦେଇଛି। ଯଥାଶୀଘ୍ର ପାଣି ଯୋଗାଣ କାମ ପଞ୍ଚାୟତକୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ସ୍କୁଲ ରୂପାନ୍ତରୀକରଣ କାମ ତଦାରଖ କଲେ ଜିଲାପାଳ



ନୋଡାଲ ବାପୁଜୀ ହାଇସ୍କୁଲରେ ଜିଲାପାଳ ତଦାରଖ କରୁଛନ୍ତି ।

ତେନ୍ତୁଳିଖୁଣ୍ଟି, ୨।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଶୁକ୍ରବାର ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଅଞ୍ଚଳକୁ ଅଚାନକ ଗସ୍ତ କରିଛନ୍ତି। ସେ ପ୍ରଥମେ ନୋଡାଲ ବାପୁଜୀ ହାଇସ୍କୁଲକୁ ଯାଇଥିଲେ। ଏହି ବିଦ୍ୟାଳୟର ଛାତ୍ରୀ ନିବାସକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୦ତାରିଖ ସୁଦ୍ଧା ଛାତ୍ରୀମାନେ ଯେପରି ସେଠାରେ ତାହାର ବ୍ୟବସ୍ଥା କରିବାକୁ ଜିଲାପାଳକହିଛନ୍ତି। ଏଥିସହ ବିଦ୍ୟାଳୟରେ ଅଳିଆ ଆବର୍ଜନା, ଲଟାବୁଦା, ଘାସ ସଫା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୫ଟି ବିଦ୍ୟାଳୟର ଅବସ୍ଥା ଦେଖି ବିଗିଡିବା ସହ କେତେକ ଜାଗାର ଅଳିଆକୁ ଜିଲାପାଳ ନିଜେ ସଫା କରିଥିଲେ। ୫-ଟି କାମ ବନ୍ଦ ହୋଇ ପଡ଼ିଥିବାରୁ ବିଡିଓଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବଳକା କାମ ତୁରନ୍ତ ସାରିବାକୁ ପ୍ରଧାନଶିକ୍ଷକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଡାକ୍ତରଖାନା ଯାଇ ବୁଝିଲେ ରୋଗୀଙ୍କ ସମସ୍ୟା**

ଏହାପରେ ଜିଲାପାଳ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ୱାର୍ଡ ବୁଲି ଦେଖିଥିଲେ। ରୋଗୀଙ୍କ ସହ ଚିକିତ୍ସା ଓ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରିଥିଲେ। କୋଭିଡ୍ ବେଳେ ଡେପୁଟେଶନରେ ଯାଇଥିବା ଡାକ୍ତରଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫେରାଇ ଆଣିବାକୁ ଚିକିତ୍ସାଧିକାରୀ ଡାକ୍ତର ସମଲାଇ ପ୍ରସାଦ ପଣ୍ଡା ଜିଲାପାଳଙ୍କୁ ନିବେଦନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଶେଷଜ୍ଞ ଡାକ୍ତର ଦେବାକୁ ନିବେଦନ କରିଥିଲେ। ରୋଗୀ ସଂଖ୍ୟା ତୁଳନାରେ ଡାକ୍ତର କମ୍ ଥିବାରୁ ଝାଡ଼ାବାନ୍ତି ପ୍ରବଣ ଅଞ୍ଚଳକୁ ଯାଇ କ୍ୟାମ୍ପ କରିବାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ଚାପ ରହୁଛି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ଏ ଦିଗରେ ଦୃଷ୍ଟି ଦେବି ବୋଲି ଜିଲାପାଳ କହିଛନ୍ତି।

# ଦାଦନ ମୁହାଁ ହେଲେ ଗ୍ରାମବାସୀ

ଦଶମନ୍ତପୁର, ୨।୯ ( ଡି.ଏନ.ଏ.)

କାମ କରି ବର୍ଷ ବର୍ଷ ବିତିଯାଉଥିଲେ ହେଁ ମଜୁରି ମିଳୁନାହିଁ। ଠିକାଦାରମାନେ କାମ କରାଇ ସେମାନଙ୍କୁ ମଜୁରି ଦେବାକୁ ଭୁଲିଯାଉଛନ୍ତି। ଏନେଇ ବାରମ୍ବାର ଦୌଡ଼ିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଗିର୍ଲିଗୁମା ପଞ୍ଚାୟତ କଲାଟି ଗ୍ରାମର ୧୫ ଜଣ ଗ୍ରାମବାସୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ଏହି ଗ୍ରାମରେ କାମ କରୁଥିବା ପ୍ରାୟ ଠିକାଦାରମାନେ ଗ୍ରାମ ଲୋକଙ୍କୁ ଶ୍ରମିକ ଭାବେ ନିୟୋଜିତ କରି ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ କାମ କରାଉଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷରେ ଦୁଇଟି ମାଟି ରାସ୍ତା କାମରେ ଗ୍ରାମବାସୀ କାମ କରିଥିଲେ। ଏହି ରାସ୍ତା ୨ଟି କାଳିଟି ଗ୍ରାମରୁ ତେନ୍ତୁଳିଗୁଡା ଏବଂ କଲାଟିରୁ ଆମ୍ବପଦର ଗ୍ରାମକୁ ସଂଯୋଗ ରାସ୍ତା ଥିଲା। ନିମ୍ନମାନର କାର୍ଯ୍ୟ କରି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ସଲାସୁତୁରାରେ ବିଲ୍ କରି ଅର୍ଥ ହଡ଼ପ କରୁଥିଲେ ମଧ୍ୟ ଆମ ମଜୁରି ଆମକୁ



ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନେ।

**ଶ୍ରମିକଙ୍କୁ ମିଳୁନି ମଜୁରି**

ଦେଉନାହାନ୍ତି ବୋଲି ଗ୍ରାମର ମାନସିଂ ଜାନି, ପଦୁ ଜାନି, ସମଲୁ ମୁଦୁଲି, ସିଙ୍ଗାରୁ ଜାନି, ରୁବେନ ମୁଦୁଲି, ସନୁ ଜାନି, ବାଦୀ ମୁଦୁଲିଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ୫ବର୍ଷ ହେଲା ଦୌଡ଼ି ଦୌଡ଼ି ଅର୍ଥ ନ ମିଳିବାରୁ ବାଧହୋଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ବକୁଳ ଚନ୍ଦ୍ର ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ନିକଟରେ ଏହି ଗ୍ରାମରୁ ୧୧ ଜଣ ଶ୍ରମିକ ଠିକାଦାରଙ୍କଠାରୁ ମଜୁରି ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି।

# ଡ. ଆମ୍ବେଡକର ଯୁବ କ୍ଲବ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ମାଲକାନଗିରି,୨।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ପେଡ଼ାକୋଣ୍ଡା ସଦର ପଞ୍ଚାୟତରେ ଡ. ଆମ୍ବେଡକର ଯୁବ କ୍ଲବ ପକ୍ଷରୁ ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦଶରଥ ମାଡକାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପେଡ଼ାକୋଣ୍ଡା ସରପଞ୍ଚ ଲକମା କବାସୀ, ପ୍ରଧାନ ଶିକ୍ଷକ ଚିନ୍ମୟ ଦାସ, ୱାର୍ଡମେମ୍ବର ଅର୍ଜୁନ ଡୁରୁକା, ଅଙ୍ଗନୱାଡି କର୍ମୀ ରାଧା ମାଢିଙ୍କ ସହ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ପେଡାକୋଣ୍ଡା ଗ୍ରାମକୁ ସାମିଲ କରାଯାଇ ଏହି ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ ହୋଇଛି। ଗ୍ରାମକୁ କିପରି ସଫା ରଖିବା, ପରିବେଶ ସୁରକ୍ଷା, ପଞ୍ଚାୟତକୁ ବିଭିନ୍ନ ରୋଗରୁ ଦୂରେଇ ରଖିବା



ଉପରେ ଉପସ୍ଥିତ ଅତିଥିମାନେ ଅନୁଷ୍ଠିତ ସଭାରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗ୍ରାମର ଛାତ୍ରୀଛାତ୍ର ଓ ଗ୍ରାମବାସୀ ମିଶି ପଞ୍ଚାୟତ ପରିସର, ଯାତ୍ରୀ ବିଶ୍ରାମାଗାର ଓ ରାସ୍ତା ଘାଟରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିବା ସହ ଶୁଖିଲା ପତ୍ର, ଅନାବନା ଘାସ ସବୁ ଉପାଡି ସଫା କରିଥିଲେ।

# ଚାଷୀଙ୍କ ପ୍ଲଟ୍, ଖାତା ନମ୍ବରରେ ଅନ୍ୟର ନାମ ପଞ୍ଜୀକରଣ



ଅଭିଯୋଗ କରିବାକୁ ଆସିଥିବା ଚାଷୀ ।

ଜୟପୁର, ୨।୯ ( ନି.ପ୍ର.)

ଚାଷୀଙ୍କ ଖାତା ନମ୍ବର ଓ ପ୍ଲଟ ନମ୍ବର ଚୋରି ହୋଇଥିବା ନେଇ କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଘୁମର ପଞ୍ଚାୟତର ଚାଷୀମାନେ ଜୟପୁର ଉପଜିଲାପାଳଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଉପ ଜିଲାପାଳ ବେଦ ବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଉଲ୍ଲେଖ ରହିଛି ଯେ, ସରକାରଙ୍କର ଦ୍ୱାରା କୁନ୍ଦୁରା ଲାମ୍ପସଠାରେ ଖରିଫ ଧାନ ବିକ୍ରି ପାଇଁ ସେମାନେ ନାମ ପଞ୍ଜୀକରଣ ଲାଗି ଫର୍ମରେ ଆବେଦନ କରିଥିଲେ। ଅବେଦନ ସମୟରେ ଫୋନ ନମ୍ବର, ଓଟିପି ନମ୍ବର ଦେଇଥିଲେ। ଏହା ପରେ ମଧ୍ୟ ସେମାନଙ୍କ ନାମ ପଞ୍ଜୀକରଣ ହୋଇନାହିଁ। ଗତ ୨୯।୮।୨୨ରେ ଲାମ୍ପସକୁ ଯାଇ ସେମାନେ ପଚାରିବାରୁ

**ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ**

ଦାୟିତ୍ୱରେ ଥିବା କର୍ମଚାରୀ ବହୁ କାରଣ ଦର୍ଶାଇଥିଲେ। ୧୨ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇ ନାହିଁ। ଚାଷୀଙ୍କ ମଧ୍ୟରୁ କାହାର ପାସବୁକ୍ ନାହିଁ, ଜମିପଟ୍ଟା ନାହିଁ, ମୋବାଇଲ ନମ୍ବର ମିଶୁ ନାହିଁ ବୋଲି ଦର୍ଶାଇ ଫର୍ମକୁ ରିଜେକ୍ଟ କରିଥିବା କହିଥିଲେ। ଚାଷୀମାନଙ୍କ ଖାତା ନମ୍ବର ଓ ପ୍ଲଟ ନମ୍ବରକୁ ଚୋରି କର ଅନ୍ୟଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି ବୋଲି ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଚଳିତ ବର୍ଷ ସେମାନେ ଧାନ କେଉଁଠି ବିକ୍ରି କରିବୁ ବୋଲି ପ୍ରଶ୍ନ ଉଠାଇ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଚାଷୀ ନବିନା ଗାଧବା, ତ୍ରିଲୋଚନ ଗାଧବା, ଦୁର୍ଯ୍ୟୋଧନ ହରିଜନ, ସମରା ପାଙ୍ଗୀ ପ୍ରମୁଖ ଦାବି କରିଛନ୍ତି।

# ବିଏସ୍ଏଫ୍ ପକ୍ଷରୁ କଳାକୌଶଳ ପ୍ରଦର୍ଶନ

କୋରାପୁଟ,୨।୯(ସ୍ୱ.ପ୍ର.)- କୋରାପୁଟ ଜିଲାର ବିଭିନ୍ନ ବିଦ୍ୟାଳୟରେ ଭାରତର ୭୫ ବର୍ଷ ପୂର୍ତ୍ତି ତଥା ୭୬ତମ ସ୍ୱାଧୀନତା ବାର୍ଷିକୀ ପାଳନ ଉପଲକ୍ଷେ ଶୁକ୍ରବାର ବିଏସ୍ଏଫ୍ ପକ୍ଷରୁ ରନ ଅପ ଶିକ୍ଷକ ଡେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁବକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସୀମା ସୁରକ୍ଷା ବଳର ସଙ୍ଗଠନ, ଏହାର କାର୍ଯ୍ୟକାରିତା ଏବଂ ଜଣେ ସୀମା ପ୍ରହରୀ ଜୀବନ ବିଷୟରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଜାତୀୟ ଏକାକୀକାରଣ ଏବଂ ଭବିଷ୍ୟତ ବଂଶଧରଙ୍କୁ ମୁଖ୍ୟ ସ୍ରୋତକୁ ଉତ୍ପାଦନକାରୀ ନାଗରିକ ଭାବରେ ପରିଣତ କରିବା ଏହାର ଅନ୍ୟତମ ଲକ୍ଷ୍ୟ। ଏହି ଅବସରରେ ବିଏସଏଫ କ୍ଷୁଦ୍ର ଅସ୍ତ୍ରଶସ୍ତ୍ର, ହ୍ୟାଣ୍ଡ ଗ୍ରେନେଡ ସମେତ ସୀମାରେ ବ୍ୟବହାର କରାଯାଉଥିବା ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ବିଏସ୍ଏଫ୍ ଡିଆଇଜି ମଦନ ଲାଲ ଯୁବକମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏବଂ ଦେଶର ସୁରକ୍ଷା କ୍ଷେତ୍ରରେ ସଶସ୍ତ୍ର ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ବିଏସଏଫରେ ମହିଳାଙ୍କ ପାଇଁ ଉପଲବ୍ଧ ସୁଯୋଗ, ଅନ୍ତର୍ଜାତୀୟ ସୀମାରେ ସେମାନଙ୍କର ଭୂମିକା ଉପରେ ଅବଗତ କରାଇଥିଲେ।




# ସିଟିବସ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨।୯

ବ୍ଲାକସ୍ପଟ ଭାବେ ଚିହ୍ନଟ ହୋଇଥିବା ଜତୀୟ ରାଜପଥ -୫୯ ବୁଢ଼ୀଘରା ଠାକୁରାଣୀ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ସିଟି ବସ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏ.ରଘୁନାଥପୁର ଗ୍ରାମର ମାଳତୀ ଗୌଡ଼। ଦୁର୍ଘଟଣା ପରେ ରାସ୍ତାର ଉଭୟପଟୁ ଗାଡିଗୁଡିକ ଦୀର୍ଘ ସମୟ ଅଟକି ରହିଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏମକେସିଜି ମେଡିକାଲ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ସିଟି ବସ (ନଂ ଓଡ଼ି୦୭ଡବ୍ଲୁ - ୯୫୧୪) ଜବତ କରିଛି। ଲୋକମାନଙ୍କୁ ବୁଝାଶୁଝା କରିବା ସହ ପୋଲିସ ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲା। ଦୁର୍ଘଟଣା ପରେ ସିଟି ବସ ଡ୍ରାଇଭର ସେଠାରୁ ଫେରାର ହୋଇଯାଇଛନ୍ତି।

# ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ପଡିଆ/ ମାଲକାନଗିରି, ୨।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ବିଧାୟକ ଆଦିତ୍ୟ ମାଢିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ

**ରୋଗୀ କଲ୍ୟାଣ ସମିତି ବୈଠକ**

ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ କଲ୍ୟାଣ ସମିତିକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ଅନୁଦାନର ଖର୍ଚ୍ଚ ଓ ରୋଗୀ ସେବା ସମ୍ପର୍କରେ ଡା. ବୁଦ୍ଧିକେଶ୍ୱର ମାଝୀ ବିବରଣୀ ପ୍ରଦାନ କରିଥିଲେ। ପରେ ଚଳିତ ଆର୍ଥିକ ବର୍ଷରେ ରୋଗୀ କଲ୍ୟାଣ ସମିତି ଅର୍ଥରେ କି କାର୍ଯ୍ୟକ୍ରମ କରାଯିବ ସେ ନେଇ ଉପସ୍ଥିତ କମିଟି ସଦସ୍ୟ ମାନେ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କାଲଦାପାଲି ପଞ୍ଚାୟତ କୋଲାଗୋଣ୍ଡା ଆଶ୍ରମ ବିଦ୍ୟାଳୟରେ ଛାତ୍ର ଦ୍ୱୟଙ୍କ ମୃତ୍ୟୁ ଏବଂ ଅନେକ ଛାତ୍ରୀଛାତ୍ର ଆକ୍ରାନ୍ତ ହୋଇଥିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଡାକ୍ତରୀ ଟିମ୍ ସେହି ସବୁ ଅଞ୍ଚଳକୁ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଆବଶ୍ୟକୀୟ ଔଷଧ ବିତରଣ କରିବା, ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ କରିବା ଏବଂ ଜନ ପ୍ରତିନିଧିମାନେ ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ବୁଲି ସଚେତନ କରିବାକୁ ବିଧାୟକ ମାଢି ପରାମର୍ଶ ଦେଇଥିଲେ। ବୈଠକରେ ପଡିଆ ବିଡିଓ ରାମକୃଷ୍ଣ ନାୟକ, ପଞ୍ଚାୟତ ସମିତି ଅଧକ୍ଷା ଜମୁନା ମୁଚାକି, ବିଧାୟକ ପ୍ରତିନିଧି କୋଟାମ ବାଲାୟାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଥିବା ବିଧାୟକଙ୍କ ସମେତ ଅନ୍ୟମାନେ।

# ହାଣ୍ଡି ହାଣ୍ଡି ବୁରୁଶୁଣ୍ଡି ନା ଦେଲା ଘରେ ଚାବରେ ଗୁଣ୍ଡି ...

ଉମରକୋଟ, ୨।୯(ସ୍ୱ.ପ୍ର.)

'ହାଣ୍ଡି ହାଣ୍ଡି ବୁରୁଶୁଣ୍ଡି ନା ଦେଲା ଘରେ ଚାବରେ ଗୁଣ୍ଡି ' ଗୀତରେ କମ୍ପିଲା ଗାଁ। ଏହି ପାରମ୍ପରିକ କୃଷିଭିତ୍ତିକ ଗୀତ ଗାଇ ଉମରକୋଟ ଓ ଝରିଗାଁ ବ୍ଲକର କେତେକ ଗାଁରେ କୃଷିଭିତ୍ତିକ ' ଗୋରଣ୍ଡୀ ପର୍ବ ' ପାଳନ କରାଯାଇଛି। ନୂଆଁଖାଇ ପରଦିନ ଗାଁର ଯୁବକମାନେ ଘରଘର ବୁଲି ଚାଉଳ,ଧାନ, ପନିପରିବା ମାଗିବାବେଳେ ଏହି ଗୀତ ଗାଇଥାନ୍ତି। ଏହି 'ଗୋରଣ୍ଡୀ ପର୍ବ ' ପାଳନ କଲେ ଫସଲ ଭଲ ହେବା ସହ ରୋଗବ୍ୟାଧୀ ଦୂରେଇ ରୁହେ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି।

ଗୁଣ୍ଡିଚା ଯାତ୍ରା ସମୟରେ ଗାଁର ଯୁବକ ଓ କିଶୋରମାନେ ଜଙ୍ଗଲରୁ କାଠ ଆଣି ଗୋଡଣ୍ଡି ପ୍ରସ୍ତୁତ କରିଥାନ୍ତି। ଦଶରୁ ୧୨ଫୁଟ ପର୍ଯ୍ୟନ୍ତ ଦୁଇଟି କାଠରେ ପେଡାଲ ଲଗାଇ ଏହାକୁ ପ୍ରସ୍ତୁତ କରଯାଏ। ପେଡାଲରେ ଚଢି ଯୁବକମାନେ ଚାଲିବା ସହ ବିଭିନ୍ନ ଖେଳ କୌଶଳ ପ୍ରଦର୍ଶନ କରିଥାନ୍ତି। ଗୋରଣ୍ଡୀରେ ଚଢ଼ି ଯୁବକମାନେ ଗାଁର ଆବର୍ଜନା ସଫା କରିଥାନ୍ତି । ଏହି ଖେଳ ଦେଖିବାକୁ ଆଖପାଖ ଗାଁ ଲୋକଙ୍କ ଭିଡ ଜମିଥାଏ। ଏହାପରେ ଯୁବକମାନେ ଗୋଡ଼ଣ୍ଡିରେ ଚଢି ଘରଘର ବୁଲି ହାଣ୍ଡି ହାଣ୍ଡି ବୁରୁଶୁଣ୍ଡି , ନାଏ ଦେଲା ଘରେ ଚାବରେ ଗୁଣ୍ଡି ' ଗୀତ ଗାଇ ଚାଉଳ, ଧାନ ଓ ଟଙ୍କା ମାଗିଥାନ୍ତି। ସଂଗୃହୀତ ଧାନଚାଉଳକୁ ନେଇ ଗାଁ ମୁଣ୍ଡରେ ଭୋଜି କରାଯାଏ। ଭୋଜି



ଯୁବକମାନେ ଗୋଡ଼ଣ୍ଡି ଧରି ଟଙ୍କା ଚାଉଳ ମାଗିବାକୁ ବୁଲୁଛନ୍ତି।

**ପାରମ୍ପରିକ ଗୀତ ଗାଇ 'ଗୋରଣ୍ଡୀ ପର୍ବ ' ପାଳିଲେ ଯୁବକ**

ଖାଇବାପରେ ସେଠାରେ ଗୋଡ଼ଣ୍ଡିକୁ ପକାଇ ବିସର୍ଜନ କରାଯାଇଥାଏ। ପରେ ଯୁବକ ଓ କିଶୋରମାନେ ଘରଘର ବୁଲି ଗୁରୁଜନମାନଙ୍କୁ ଜୁହାରଭେଟ କରି ଆଶୀର୍ବାଦ ନେଇଥାନ୍ତି। ଝରିଗାଁ ବ୍ଲକ ବକଡାବେଡା ପଞ୍ଚାୟତର ମାଝିଆ, ତୁରୁଞ୍ଜି ଓ କମାବନ୍ଧ ଗାଁର ଯୁବକ ସନ୍ତୋଷ ବିଷୋଇ, ଚୈତ୍ରୁ ଭତରା, ରାମେ ପୂଜାରୀ, ବ୍ୟଦୁ ଭତରା, ସନୁ ଭତରା, ମନସାଇ କଲାର, ଗୋବିନ୍ଦ ମାଝୀ ଓ କିଶୋରଙ୍କୁ ନେଇ ବିଧି ଅନୁଯାୟୀ ନିରାଡମ୍ବର ଭାବେ ଏହାକୁ ପାଳନ କରଯାଇଛି।

